# "ଜିଆ ଖତ" - ଚାଷୀର ମିତ

ଜିଆ ବା କେଞ୍ଚୁଆ କୃଷକର ବନ୍ଧୁ ହିସାବରେ ସବୁ ଚାଷୀ ଭାଇମାନଙ୍କ ପାଖରେ ପରିଚିତ । ଜିଆ ବିଭିନ୍ନ ବର୍ଯ୍ୟବସ୍ତୁକୁ ଉତ୍କୃଷ୍ଟ ଖତରେ ପରିଣତ କରି ଆମକୁ ଦୂଷିତ ପରିବେଶରୁ ରକ୍ଷା କରିଥାଏ । ଭାରତ ସମେତ ଅଧିକାଂଶ ଗ୍ରୀଷ୍ମ ମଣ୍ଡଳୀୟ ଦେଶରେ ମୃତ୍ତିକାର ଜୈବିକ ଅଙ୍ଗାରକ ଓ ଅଧିକାଂଶ ଖାଦ୍ୟ ଉତ୍ପାଦନ କମଥାଏ । ସାଧାରଣତଃ ଆମ ଗାଁ ମାନଙ୍କରେ ଗୁହାଳରୁ ବାହାରୁଥିବା ଗୋବର, ଗୋ ମୂତ୍ର, ଶୁଖିଲାପତ୍ର ପ୍ରଭୃତି ବ୍ୟବହାର କରି ଜମିର ଉର୍ବରତା ବଢ଼ାଇବା ପାଇଁ ଆମେ ତତ୍ପର ଦେଖାଇ ନଥାଉ । ଗତାନୁଗତିକ ପଦ୍ଧତିରେ ଖତ ପ୍ରସ୍ତୁତି କରିବାକୁ ତା ଠାରୁ କମ ସମୟ ଆବଶ୍ୟକତା କରିଥାଏ । ଜିଆମାନେ ଯେଉଁ ଜୈବିକ ପଦାର୍ଥକୁ ଖାଦ୍ୟ ରୂପେ ଗ୍ରହଣ କରି ମଳତ୍ୟାଗ କରିଥାଆନ୍ତି ତାହାକୁ ଜିଆଖତ କୁହାଯାଏ । ଜିଆମାନେ ମଳ ବା ଲେଣ୍ଡିରେ ପ୍ରଚୁର ପରିମାଣରେ ହ୍ୟୁମସ ଥାଏ । ଯାହା ମାଟିରେ ଉର୍ବରତା ବଢାଏ । ଜମିରେ ଥିବା ମାଟି ଅପେକ୍ଷା ଜିଆ ଲେଣ୍ଡିରେ ଅଧିକ ଦୁଇଗୁଣ ମ୍ୟାଗ୍ନେସିୟମ୍, ୫ଗୁଣ ଯବକ୍ଷାରଯାନ, ୭ ଗୁଣ ଫସଫରସ ଏବଂ ୧୧ ଗୁଣ ପଟାସ ଗଛକୁ ମିଳିଥାଏ । ଜିଆ ଲେଣ୍ଡିରେ ଅନେକ ପରିମାଣ ଏନଜାଇମ୍ ଥାଏ । ଯାହା ମାଟିରେ ଥିବା ଜୈବ ପଦାର୍ଥ ଗୁଡିକ ସଢ଼ିବାରେ ସାହାଯ୍ୟ କରେ ଓ ଫସଲର ଅଭିବୃଦ୍ଧିରେ ସହାୟକ ହୋଇଥାଏ । ସାରା ପୃଥିବୀରେ ୩୬୦୦ ପ୍ରକାର ଜିଆ ଦେଖାଯାଆନ୍ତି ।

ମାଟିରେ ଜିଆ ରହିଲେ ମାଟି ଫସଫସିଆ ରହେ ଓ ଏହାର ଜଳ ଧାରଣ ଶକ୍ତି ଅଧିକ ହୁଏ । ଜିଆ ଖତରେ ୩୨ ପ୍ରତିଶତରୁ ୬୬ ପ୍ରତିଶତ ଜଳୀୟ ଅଂଶ ଥାଏ । ଉପରୋକ୍ତ ଖାଦ୍ୟ ଉତ୍ପାଦନ ବ୍ୟତୀତ ଜିଆ ଖତରେ ଥିବା ହରମୋନ ବିହନ ଗଜା ହେବା ଗଛ ଶୀଘ୍ର ବଢ଼ିବା, ଅଧିକ ସଂଖ୍ୟାରେ ଫୁଲ ଓ ଫଳ ଧରିବା, ଅମଳ ବଢ଼ିବା ଓ ପନିପରିବା ଅଧିକ ଦିନ ସତେଜ ରହିବାରେ ସାହାଯ୍ୟ କରେ । ଜିଆ ଖତକୁ କ୍ଷେତରେ ପ୍ରୟୋଗ କଲେ ଅଣୁଜୀବ ସଂଖ୍ୟା ବୃଦ୍ଧି ପାଏ । ଆଫ୍ରିକୀୟ ପ୍ରଜାତିର ଜିଆଙ୍କୁ ଖତ ପ୍ରସ୍ତୁତିରେ ବ୍ୟବହାର କରିବା ଆବଶ୍ୟକ । ଜିଆ ଖତକୁ ବିଭିନ୍ନ ଫସଲ ଚାଷ କରିବା ପାଇଁ ବ୍ୟବହାର କରାଯାଇପାରିବ । ଜିଆଖତ ସାଧାରଣ କମ୍ପୋଷ୍ଟ କିମ୍ବା ଗୋବର ଖତଠାରୁ ଅଧିକ ମୂଲ୍ୟବାନ ଓ ଲାଭ ଦାୟକ । ତେଣୁ ଜିଆ ଚାଷ ଓ ଜିଆ ଖତ ଉତ୍ପାଦନ ସମ୍ବନ୍ଧରେ ବିଶେଷ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆମେ ଏହି ପ୍ରଚାର ପତ୍ରିକା ପ୍ରକାଶ କରିଛୁ । ଏହି ପ୍ରଚାର ପତ୍ର ଚାଷୀଭାଇମାନଙ୍କ ଭିତରେ ସଚେତନତା ବଢ଼ିବା ସହ ଜୈବିକ କୃଷିର ବାତାବରଣ ସୃଷ୍ଟି କରିପାରିଲେ ଆମର ଶ୍ରମ ସାର୍ଥକ ହେବ ।

---


## ସୋସିଆଲ ଡେଭେଲପ୍‌ମେଣ୍ଟ ଫାଉଣ୍ଡେସନ୍

ବହ୍ଲରଣ୍ଡକ, ତାଳଚେର, ଅନୁଗୋଳ, ଓଡିଶା

ଦୂରଭାଷ : ୯୪୩୮୦୬୨୮୭, ୯୪୩୭୯୦୪୧୦୮